# ତହସିଲଦାରଙ୍କ କାର୍ଯ୍ୟାଳୟ

## ଗୋପବନ୍ଧୁନଗର, ମୟୂରଭଞ୍ଜ

eMail Id- tah.gbngr-od@nic.in / tdrgopabandhunagar@gmail.com

ନୋଟିସ ସଂଖ୍ୟା- ୧୮୪୩/ସୈରାତ                ତାରିଖ- ୧୭.୧୦.୨୦୨୨

## ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘ ମିଆଦି ନିମନ୍ତେ ବିଜ୍ଞାପନ

*(ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ଓ ଓଡିଶା ଲଘୁ ଖଣିଜ ରିହାତି ପରବର୍ତ୍ତୀ ଶେଷତମ ସଂଶୋଧନ ଆଇନ ଅନୁଯାୟୀ)*

ଏତଦ୍ୱାରା ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଗୋପବନ୍ଧୁନଗର ତହସିଲ ଅନ୍ତର୍ଗତ ସୂଚିରେ ପ୍ରଦତ୍ତ ଲଘୁ ଖଣିଜ ଦ୍ରବ୍ୟ ସଇରାତ ଉତ୍ସ ଗୁଡିକୁ ଅନ୍ୟୁନ ୫ (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘ ମିଆଦି ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ଥିବା ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଇଚ୍ଛୁକ ବ୍ୟକ୍ତି ବିଶେଷ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ରେ ବର୍ଣ୍ଣିତ ତିନିକିତା ଫର୍ମ 'M' ପୂରଣ କରି ତତ୍ ସହିତ ଆବଶ୍ୟକୀୟ କାଗଜାତ ଏକ ବନ୍ଦ ଥିବା ଲଫାପାରେ **ଆବେଦନ କରୁଥିବା ଉତ୍ସର ନାମ ଏବଂ ସଂଖ୍ୟା ଉଲ୍ଲେଖ କରି** ଉପ-ଜିଲ୍ଲାପାଳ, କପ୍ତିପଦା, ଉଦଳାଙ୍କ କାର୍ଯ୍ୟାଳୟରେ ଥିବା ଜଉମୁଦ-ଦିଆ ଟେଣ୍ଡର ବାକ୍ସରେ ତା 14.11.2022 ରିଖ ସୁଦ୍ଧା ଯେକୌଣସି କାର୍ଯ୍ୟ ଦିବସରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ **ଅପରାହ୍ନ ୫ ଘଟିକା** ମଧ୍ୟରେ ଦାଖଲ କରିପାରିବେ କିମ୍ବା ରେଜିଷ୍ଟ୍ରି (Registered Post) ବା କ୍ଷିପ୍ର ଡାକ (SPEED POST) ମାଧ୍ୟମରେ ଉପ-ଜିଲ୍ଲାପାଳ, କପ୍ତିପଦା, ଉଦଳାଙ୍କ କାର୍ଯ୍ୟାଳୟକୁ ପଠାଯାଇପାରିବ ଯାହା ତା 14.11.2022 ରିଖ ଅପରାହ୍ନ **୫** ଘଟିକା ସୁଦ୍ଧା ଗ୍ରହଣୀୟ । ଉପରୋକ୍ତ ସମୟ ପରେ ଦରଖାସ୍ତ ଗ୍ରହଣୀୟ ହେବନାହିଁ ।

ଦରଖାସ୍ତ ( Form-M) ସହ ବାଧ୍ୟତା ମୂଳକ ଭାବେ ଦାଖଲ କରିବାକୁଥିବା ଦସ୍ତାବିଜ-

୧. OMMC Rule-2016 ଏବଂ OMMC(Amendment) Rule-2022 ଅନ୍ତର୍ଗତ ନିର୍ଭୁଲ ଭାବରେ ପୂରଣ ହୋଇଥିବା ଏବଂ ଦରଖାସ୍ତକାରୀଙ୍କ ଦ୍ୱାରା ଦସ୍ତଖତ କରାଯାଇଥିବା 3 କିତା Form-M (3 Copies) ଦାଖଲ କରିବେ ।

*(ଦରଖାସ୍ତକାରୀଙ୍କ ପାନକାର୍ଡ (PAN Card) ଏବଂ ଆଧାର ବା ଭୋଟର ପରିଚୟପତ୍ର କିମ୍ବା ସମ୍ପୂର୍ଣ୍ଣ ଠିକଣା ଥିବା ଯେକୌଣସି ପ୍ରମାଣପତ୍ର ଆବଶ୍ୟକ | )

୨. ଦରଖାସ୍ତ ଫି ବାବଦକୁ **ଟ. ୧,୦୦୦/- (ଏକ ହଜାର) ଙ୍କାର ଟ୍ରେଜେରୀ ଚାଲାଣ** (Head of Account-0853-Non-Ferrous Mining And Metallurgical Industries-102-Mineral Concession Fees, Rents and Royalties-0217 received under Odisha Minor Mineral Concession Fees (New)- 02021-Collection of Fees, rents and Royalties(New) ଦାଖଲ କରିବେ | ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।

୩. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନ ଥିବା ଦର୍ଶାଇ ଏକ ସତ୍ୟପାଠ (Affidavit) ଦାଖଲ କରିବେ ।

୪. ତହସିଲଦାରଙ୍କ ଠାରୁ ପ୍ରାପ୍ତ ହୋଇଥିବା **ଆବେଦନକାରୀଙ୍କ ସ୍ଥାବର (Immovable Property) ସମ୍ପତ୍ତି ତାଲିକା ।**

୫. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ନିର୍ଦ୍ଧାରିତ **ରୟାଲିଟି ଓ ଅତିରିକ୍ତ ଦେୟ ର ଶତକଡା ୫ ଭାଗ** EMD (Earnest Money) ନିମନ୍ତେ ତହସିଲଦାରଙ୍କ ନାମରେ ଚଳବନ୍ଧକକୃତ ବା Pledged ବ୍ୟାଙ୍କ ଡ୍ରାଫ୍ଟ କରିବେ ।

[EMD= 5% of {MGQ as per Mining Plan of that quarry x (Royalty + Additional Charge)}]

**ଉଦାହରଣ:-** ସୈରାତ ଉତ୍ସ ଜୟପୁର ବରଡିହି ର MGQ = 6572 cum , Royalty = Rs.35/- and Additional Charge = Rs. 313/- [EMD= 5% of {6572 x (35 + 313)}] = Rs1,14,353/-

୬. ଦରଖାସ୍ତକାରୀ **18 ମାସ ବୈଧତା ଥିବା ବ୍ୟାଙ୍କ ପ୍ରତ୍ୟାଭୂତି** (Bank Guarantee) / ଗତ ଆର୍ଥିକ ବର୍ଷର ବାର୍ଷିକ ଆୟକର ଦାଖଲ (IT Return) ର ନକଲ ପ୍ରଦାନ କରିବେ ଯାହାର ପରିମାଣ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (Minimum Guaranteed Quantity) ଉପରେ ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା **ଅତିରିକ୍ତ ଦେୟ ତଥା ରୟାଲିଟିର ସମପରିମାଣ** ହୋଇଥିବ ।

Bank Guarantee= (MGQ of the Quarry) X (Royalty + Offered Additional Charge).

**ଉଦାହରଣ:-** ଧରାଯାଉ ଗୋଟିଏ ସୈରାତ ଉତ୍ସର MGQ = 6572 cum , Royalty = Rs.35/- and Offered Additional Charge = Rs. 315/- [Bank Guarantee= 6572 x(35 + 315) = Rs.23,00,200/-]

୭. ଦରଖାସ୍ତକାରୀ GST Clearance Certificate/GST number ର ନକଲ ଦାଖଲ କରିବେ ।

**ଦରଖାସ୍ତ ଗୁଡିକ ଆବେଦନକାରୀ କିମ୍ବା ତାଙ୍କ ଦ୍ଵାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ତା. 15.11.2022 ରିଖ ଦିବା ୧୧ ଘଟିକା ସମୟରେ ଉପଜିଲ୍ଲାପାଳ, କପ୍ତିପଦା, ଉଦଳାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଖୋଲାଯିବ** । ଆବେଦିତ ଦରଖାସ୍ତ ମାନଙ୍କ ମଧ୍ୟରେ ରୟାଲଟି ଉପରେ ସର୍ବାଧିକ ଅତିରିକ୍ତ ଦେୟ (Additional Charge) ଦର୍ଶାଇଥିବା ଆବେଦନ ପତ୍ରକୁ ଯୋଗ୍ୟ ବିବେଚିତ କରାଯିବ ।ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସଇରାତ ଉତ୍ସ ନିମନ୍ତେ ରୟାଲଟି ଉପରେ ସମାନ ମୂଲ୍ୟର ଅତିରିକ୍ତ ଦେୟ ଦର୍ଶାଇଥାନ୍ତି, ତେବେ ଲଟେରି ମାଧ୍ୟମରେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

ଯଦି ପ୍ରଥମ ଧାର୍ଯ୍ୟ ତା 15.11.2022 ରିଖ ରେ କୌଣସି କାରଣ ବଶତଃ ଜଉମୁଦ ଟେଣ୍ଡର ବାକ୍ସ ଖୋଲା ହୋଇ ନପାରିଲେ, ପରବର୍ତ୍ତୀ ପର୍ଯ୍ୟାୟରେ **ତା 16.11.2022 ରିଖ ୧୧ ଘଟିକାରେ** ଦରଖାସ୍ତକାରୀ କିମ୍ବା ସେମାନଙ୍କ ପ୍ରାଧିକୃତ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଟେଣ୍ଡର ବାକ୍ସ ଖୋଲାଯାଇ ଲିଜ ନିମନ୍ତେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

ଯଦି ପ୍ରଥମ ଧାର୍ଯ୍ୟ ତା 14.11.2022 ରିଖ ରେ କୌଣସି ଉତ୍ସ ପାଇଁ ଆବେଦନ ଆସି ନଥାଏ କିମ୍ବା ସମସ୍ତ ଦାଖଲକାରୀ ଅଯୋଗ୍ୟ ବିବେଚିତ ହୁଅନ୍ତି ତେବେ ପରବର୍ତ୍ତୀ ପର୍ଯ୍ୟାୟରେ **ତା 21.11.2022 ରିଖ ୫ ଘଟିକା** ସୁଦ୍ଧା ଆବେଦନ କରିପାରିବେ ଏବଂ ତାହା **ତା 22.11.2022 ରିଖ ୧୧ ଘଟିକାରେ ଉପଜିଲ୍ଲାପାଳ, କପ୍ତିପଦା, ଉଦଳାଙ୍କ କାର୍ଯ୍ୟାଳୟରେ** ଦରଖାସ୍ତକାରୀ କିମ୍ବା ସେମାନଙ୍କ ପ୍ରାଧିକୃତ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଜଉମୁଦ ଟେଣ୍ଡର ବାକ୍ସ ଖୋଲାଯିବ ଓ ଲିଜ ନିମନ୍ତେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

**ନିମ୍ନ ସର୍ତ୍ତାବଳୀ ଗୁଡିକ ଅନୁପାଳନ କରାଯିବ-**

I. ପ୍ରକାଶ୍ୟ ଥାଉକି ଲିଜରେ ଅଂଶ ଗ୍ରହଣ ସକାଶେ ଇଚ୍ଛୁକ ବ୍ୟକ୍ତି ବିଶେଷ ଉତ୍ସ ଗୁଡିକର ପରିଦର୍ଶନ, ପରିଚାଳନା ପାଇଁ ଗମନାଗମନର ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଆବେଦନ କରିବା ବାଞ୍ଛନୀୟ । ଲିଜ ନେବା ପରେ ସଇରାତ ଚଳାଇବା କିମ୍ବା ରାସ୍ତା ଦେଖାଇବା ସମ୍ପର୍କରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

II. ଲିଜ୍ ସୂତ୍ରେ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ଦରଖାସ୍ତରେ, ଲଘୁ ଖଣିଜ ଦ୍ରବ୍ୟର ଧାର୍ଯ୍ୟ ସରକାରୀ ମୂଲ୍ୟ ଓ ସର୍ବନିମ୍ନ ଅତିରିକ୍ତ ଦେୟ (Additional Charge) ଠାରୁ କମ୍ ମୂଲ୍ୟ ଦର୍ଶାଇଲେ ତାହା ଗ୍ରହଣିୟ ହେବ ନାହିଁ ଓ ଦରଖାସ୍ତଟି ନାକଚ ହେବ |

III. ଯୋଗ୍ୟ ବିବେଚିତ ହୋଇଥିବା ଆବେଦନକାରୀଙ୍କୁ ମନୋନୟର ୭(ସାତ) ଦିନ ମଧ୍ୟରେ ନିର୍ଦ୍ଧାରିତ ଫର୍ମରେ ଜଣାଇ ଦିଆଯିବ । **ଯୋଗ୍ୟ ବିବେଚିତ ହୋଇଥିବା ସୂଚନା ପାଇବାର ୧୫ ଦିନ ମଧ୍ୟରେ ମନୋନିତ ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନରେ ଥିବା ସର୍ତ୍ତାବଳୀର ସମ୍ମତି ପ୍ରଦାନ କରିବେ ଏବଂ ତତ୍ ସଙ୍ଗେ ସଙ୍ଗେ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ଦରଖାସ୍ତରେ ଦର୍ଶାଇଥିବା ବାର୍ଷିକ ଅତିରିକ୍ତ ଦେୟ ତଥା ରୟାଲଟି ପରିମାଣର ଏକ ଚତୁର୍ଥାଂଶ (୧/୪) ସହିତ ଜିଲ୍ଲା ଖଣିଜ ପାଣ୍ଠି ବାବଦକୁ ଥିବା ଦେୟରୁ Earnest Money କୁ ବାଦ ଦେଇ ବଳକା ଥିବା ରାଶି ଜମା କରିବେ ।**

Security Deposit = 25% of [{MGQ of that quarry x (Royalty + Offered Additional Charge)}+DMF]- EMD

IV. ଯଦି ମନୋନୀତ ଆବେଦନକାରୀ ସୂଚନା ପାଇବାର ୧୫ ଦିନ ମଧ୍ୟରେ ସମ୍ମତି ସହିତ ଉପରୋକ୍ତ ରାଶି ଜମା ନ କରନ୍ତି, ତେବେ ତାଙ୍କର EMD ବାବଦକୁ ଜମାଥିବା ରାଶି ବାଜ୍ୟାପ୍ତ କରି ସରକାରଙ୍କ ନିକଟରେ ଜମା ଦିଆଯିବ ଏବଂ ଦ୍ଵିତୀୟ ସର୍ବାଧିକ ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟ ଦର୍ଶାଇଥିବା ଦରଖାସ୍ତକାରୀଙ୍କୁ ସୁଯୋଗ ଦିଆଯିବ । ମନୋନୟନ ପ୍ରକ୍ରିୟା ସମାପ୍ତ ହେଲା ପରେ ଅକୃତକାର୍ଯ୍ୟ ଆବେଦନକାରୀ ମାନଙ୍କୁ ଜମା ଦେଇଥିବା Earnest Money ଏବଂ Bank Guarantee ଫେରସ୍ତ କରାଯିବ ।

V. ଯୋଗ୍ୟ ବିବେଚିତ ହୋଇଥିବା ଆବେଦନକାରୀ /ଲିଜ୍ ଧାରୀଙ୍କୁ **ଆଗାମି ୭(ସାତ) ଦିନ** ମଧ୍ୟରେ Mining Plan ରେ ଦର୍ଶାଯାଇଥିବା ପ୍ରଥମ ବର୍ଷର ଲଘୁ ଖଣିଜ ଉତ୍ତୋଳନ ପରିମାଣ ଅନୁଯାୟୀ ବକୟା ଥିବା **ବାର୍ଷିକ ସମସ୍ତ ଦେୟ ଏକକାଳୀନ ଜମା କରିବାକୁ ପଡିବ** |

VI. ଲିଜଧାରୀ ବକୟା ଥିବା ମୂଲ୍ୟ ଜମା କରିବା ପରେ ନିଜ ଖର୍ଚ୍ଚରେ ଲିଜ Agreement ବା ଚୁକ୍ତିନାମା (Registration Act-1908 and Stamp Act-1890 & 1899 ଅନୁଯାୟୀ) ସମ୍ପାଦନ କରିବେ ।ଯଦି ବିବେଚିତ ଦରଖାସ୍ତକାରୀ ଚୁକ୍ତିନାମା ସମ୍ପାଦନ ପୂର୍ବରୁ ନିର୍ଦ୍ଧାରିତ ମୂଲ୍ୟ ଜମା ନ କରନ୍ତି, ତେବେ ତାଙ୍କର EMD ଓ ଜମା କରିଥିବା ରାଶି ବାଜ୍ୟାପ୍ତ କରି ସରକାରଙ୍କ ନିକଟରେ ଜମା ଦିଆଯିବ।

*(ଲିଜ Agreement ବା ଚୁକ୍ତିନାମା ପୂର୍ବରୁ ଉକ୍ତ ସୌରାତର E.C. ଏବଂ G.P. Resolution ପ୍ରାପ୍ତ ହେବା ଅନିବାର୍ଯ୍ୟ ।)

VII. ଲିଜଧାରୀଙ୍କୁ **ପ୍ରତ୍ୟେକ ବର୍ଷ ଧାର୍ଯ୍ୟ କରାଯାଇଥିବା ରୟାଲଟି ଏବଂ ଅତିରିକ୍ତ ଦେୟ ସହିତ** ସରକାରଙ୍କ ଦ୍ଵାରା ନିର୍ଦ୍ଧାରିତ ଜମିପୃଷ୍ଠ ଶୁଳ୍କ **(Surface Rent)**, ଜମି ଉର୍ବରତା ନଷ୍ଟ ଶୁଳ୍କ **(Dead Rent)**, ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟର ଶତକଡା ୫ ଭାଗ ଅର୍ଥ ପରିବେଶ ପରିଚାଳନା ପାଣ୍ଠି **(EMF)** ବାବଦକୁ , ଶତକଡା ୧୦ ଭାଗ ଅର୍ଥ ଜିଲ୍ଲା ଖଣିଜ ପାଣ୍ଠି **(DMF)** ବାବଦକୁ ଏବଂ ଶତକଡା ୨ ଭାଗ ଅର୍ଥ **ଆୟକର (I.T.)** ଓ ସମୟାନୁକ୍ରମେ ସରକାରଙ୍କ ଦ୍ଵାରା ବର୍ଦ୍ଧିତ ହେଉଥିବା / ଲାଗୁ କରାଯାଉଥିବା ଅନ୍ୟାନ୍ୟ ସରକାରୀ ଦେୟ ଜମା କରିବାକୁ ହେବ ।

VIII. ଲିଜଧାରୀ Mines Act-1952 ଓ Explosive Act-1884 ର ସମସ୍ତ ନିୟମ ଓ ନିୟମାବଳୀର ପରିସରଭୁକ୍ତ ରହିବେ ।

IX. **ଲିଜଧାରୀ ନିର୍ଦ୍ଧାରିତ ନିୟମର ଉଲଂଘନ କଲେ ଜମା ଦେଇଥିବା ସିକ୍ୟୁରୀଟି ରାଶିକୁ ବାଜ୍ୟାପ୍ତ କରିବାର କ୍ଷମତା ପାଧିକୃତ ଅଧିକାରୀଙ୍କ ପାଖରେ ରହିଅଛି** ।

X. ଲିଜଧାରୀ Mining Plan, Environmental Clearance, Replenishment Study, CTO, CTE ତଥା Agreement Registration (stamp Duty) ବାବଦରେ ଖର୍ଚ୍ଚ ହୋଇଥିବା ଟଙ୍କା ବହନ କରିବେ ।

XI. ଖବରକାଗଜ ବିଜ୍ଞାପନ ନିମନ୍ତେ ସମସ୍ତ ଖର୍ଚ୍ଚ ବିବେଚିତ ହୋଇଥିବା ନିଲାମଧାରୀ ବହନ କରିବେ ।

XII. ଏତଦ୍ ବ୍ୟତିତ ଯଦି ଅନ୍ୟ ଯେକୌଣସି ନିର୍ଦ୍ଦେଶ ନାମା ଉଚ୍ଚ କର୍ତ୍ତୃପକ୍ଷଙ୍କ ଠାରୁ ହସ୍ତଗତ ହୁଏ ତେବେ ଲିଜ୍ ଧାରୀ ତାହା ମାନିବାକୁ ବାଧ୍ୟ ହେବେ ।

କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବା, ପରିବର୍ତ୍ତନ କରିବା, ତୃଟି ସଂଶୋଧନ କରିବା କିମ୍ବା କୌଣସି ଦରଖାସ୍ତକୁ ଖାରଜ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ରହି ଅଛି ।

## ଗୁରୁତ୍ୱପୂର୍ଣ୍ଣ ତାରିଖ

1- ଦରଖାସ୍ତ ପକାଇବାର ଶେଷ ତାରିଖ -14.11.2022/ **5 PM**

2- ଟେଣ୍ଡର ବାକ୍ସ ଖଲିବାର ତାରିଖ – 15.11.2022/ **11AM**

3- କୌଣସି କାରଣ ବଶତଃ 15.11.2022 ରେ ଖୋଲା ହୋଇ ନପାରିଲେ ପରବର୍ତ୍ତୀ ତାରିଖ – 16.11.2022/ **11AM**

5- ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଦରଖାସ୍ତ ପ୍ରାପ୍ତ ନହେଲେ ଦିତୀୟ ଆବେଦନ ତାରିଖ- 21.11.2022/**5PM**

6- ଟେଣ୍ଡର ବାକ୍ସ ଖୋଲିବାର ଦିତୀୟ ତାରିଖ- 22.11.2022/ **11AM**

ତହସିଲଦାର, ଗୋପବନ୍ଧୁନଗର
ତହସିଲଦାର
ଗୋପବନ୍ଧୁନଗର

ଜ୍ଞାପକ ସଂଖ୍ୟା- ୧୮୪୪ /ସୈରାତ ତାରିଖ- ୧୭. ୧୦. ୨୦୨୨

ଏହାର ଏକକିତା ନକଲ ଜିଲ୍ଲାପାଳ, ମୟୂରଭଞ୍ଜ/ ଉପ-ଜିଲ୍ଲାପାଳ, କପ୍ତିପଦା, ଉଦଳାଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ପ୍ରଜାଜନ ନିମନ୍ତେ ପ୍ରେରଣ କରାଗଲା |

ତହସିଲଦାର, ଗୋପବନ୍ଧୁନଗର
ଗୋପବନ୍ଧୁନଗର

ଜ୍ଞାପକ ସଂଖ୍ୟା- ୧୮୪୫ /ସୈରାତ ତାରିଖ- ୧୭. ୧୦. ୨୦୨୨

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ତହସିଲଦାର, ଖୁଣ୍ଟା/ ଉଦଳା/ ଗୋପବନ୍ଧୁନଗର/ କପ୍ତିପଦାଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା |

ଏହାର ଏକକିତା ନକଲ ଗୋପବନ୍ଧୁନଗର ତହସିଲ ଅଧିନରେ ଥିବା ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ନିଜ କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ପ୍ରକାଶ କରିବା ପାଇଁ ନିର୍ଦ୍ଦେଶ ଦିଆଗଲା |

ତହସିଲଦାର, ଗୋପବନ୍ଧୁନଗର
ତହସିଲଦାର
ଗୋପବନ୍ଧୁନଗର

ଜ୍ଞାପକ ସଂଖ୍ୟା- ୧୮୪୬ /ସୈରାତ ତାରିଖ- ୧୭. ୧୦. ୨୦୨୨

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, ମୟୂରଭଞ୍ଜଙ୍କୁ ଜିଲ୍ଲା website ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା |

ତହସିଲଦାର, ଗୋପବନ୍ଧୁନଗର
ତହସିଲଦାର
ଗୋପବନ୍ଧୁନଗର

# ଲିଜ୍ ପାଇଁ ଉଦ୍ଦିଷ୍ଟ ଲଘୁ ଖଣିଜ ଉତ୍ସର ବିବରଣୀ

| କ୍ର.ନଂ. | ସୈରାତ ଉତ୍ସର ନାମ | ମୌଜାର ନାମ | ଖାତା ନଂ. | ପ୍ଲଟ ନଂ. | କିସମ | ରକବା | ଧାର୍ଯ୍ୟ ସରକାରୀ ମୂଲ୍ୟ ଓ ସର୍ବନିମ୍ନ ଅତିରିକ୍ତ ଦେୟ | ବାର୍ଷିକ ବାଲି ଉଠାଇବାର ପରିମାଣ (ପ୍ରଥମ ବର୍ଷ ପାଇଁ) |
|---|---|---|---|---|---|---|---|---|
| 1 | ଜୟପୁର ବରଡିହି ବାଲି ଉତ୍ସ | ଜୟପୁର | 467 | 2225/1 | ନଦୀ | Ac. 3.96 | Rs.35+Rs.313 = Rs.348/- | **6572 Cum** ( As per Mining Plan) EC & GP Resolution awaited |
| | | ବରଡିହି | 330 | 562/1 | ନଦୀ | Ac. 2.52 | | |
| | | | | | | ସର୍ବ ମୋଟ Ac. 6.48 କିମ୍ବା 2.622 ହେକ୍ଟର | | |
| 2 | ସାଇଁକୁଳା କଣ୍ଡିସାହି ବାଲି ଉତ୍ସ | କଣ୍ଡିସାହି | 178 | 366/1, 592/1 | ନଦୀ | Ac. 3.70, Ac. 5.20 | Rs.35+Rs.313 = Rs.348/- | **52000 Cum** ( As per Mining Plan) EC received, GP Resolution awaited |
| | | ସାଇଁକୁଳା | 1162 | 2049/1 | ନଦୀ | Ac. 3.44 | | |
| | | | | | | ସର୍ବ ମୋଟ Ac. 12.34 କିମ୍ବା 4.993 ହେକ୍ଟର | | |
| 3 | ଗୁଡଡିହା ପଥର ଖଣି | ଗୁଡଡିହା | 333 | 1739 | ପଥରବଣୀ | Ac. 2.45 କିମ୍ବା 0.991 ହେକ୍ଟର | Rs.130+Rs.430 = Rs.560/- | **2469 Cum** ( As per Mining Plan) EC received, GP Resolution awaited |
| 4 | ସରୁକନା ପଥର ଖଣି | ସୁରୁକନା | 287 | 1394 | ପଥରବଣୀ | Ac. 3.16 କିମ୍ବା 1.278 ହେକ୍ଟର | Rs.130+Rs.430 = Rs.560/- | **1950 Cum** ( As per Mining Plan) EC & GP Resolution awaited |

17/01/2 (signature)
ତହସିଲଦାର, ଗୋପବନ୍ଧୁନଗର
ତହସିଲଦାର
ଗୋପବନ୍ଧୁନଗର